### ଅଶୋକ ବାବୁ ପରିବେଶ ପୁରଷ୍କାର

# ଅବକ୍ଷୟମୁଖି ବିକାଶ ଯୋଜନା ପରିବେଶ ବିନାଶର ମୂଳ କାରଣ

**- ଜେ. ପି. ଦାସ**

ଲୋକଙ୍କ ପ୍ରଚେଷ୍ଟାରେ ଚାଲିଥିବା ଗୋଷ୍ଠୀ ପ୍ରୟାସରେ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ତଥା ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା ସ୍ୱର୍ଗତଃ ଅଶୋକ ବାବୁଙ୍କ ଏଥିପାଇଁ ଥିବା ଅବଦାନର ସ୍ମୃତିଚାରଣ କରିବା ଉଦ୍ଦ୍ୟେଶ୍ୟରେ ବସୁନ୍ଧରା, ଭୁବନେଶ୍ୱର ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଅଶୋକ ବାବୁଙ୍କ ଜନ୍ମତିଥି ୧୦ ଜାନୁୟାରୀ ଦିନ ଅଶୋକ ବାବୁ ସ୍ମୃତି ପୁରଷ୍କାର ଓ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରିଥିଲା ।

ଏହି ଅବସରରେ ପ୍ରଖ୍ୟାତ ଲେଖକ, ଚିତ୍ରଶିଳ୍ପି ତଥା ପ୍ରଶାସକ ଡ. ଜଗନ୍ନାଥ ପ୍ରସାଦ ଦାସ, ସାହିତ୍ୟିକ ପ୍ରଫେସର ଗଣେଶ୍ୱର ବେହେରା, ପରିବେଶ ବିଷାରଦ ନଦିଆଚାନ୍ଦ କାନୁନଗୋ, ଗଣିତଜ୍ଞ ପ୍ରଫେସର ସ୍ୱାଧିନ ପଟ୍ଟନାୟକ, ସାମାଜିକ କର୍ମି ଡ. ଆଶା ହଂସ, ସମଦୃଷ୍ଟିର ସଂପାଦକ ସୁଧିର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରରମ୍ଭରେ ପ୍ରତାପ ମାହାନ୍ତି ଅତିଥିମାନଙ୍କର ପରିଚୟ ପ୍ରଦାନକରିଥିବାବେଳେ ବସୁନ୍ଧରାର କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଅତିଥିମାନେ ଅଶୋକ ବାବୁଙ୍କ ସ୍ମୃତି ଚାରଣ କରି ତାଙ୍କର ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିବା ସହ ଗୋଷ୍ଠୀ ପ୍ରୟାସରେ ସଂରକ୍ଷଣକୁ ପ୍ରୋତ୍ସାହନ ଦେବାରେ ବସୁନ୍ଧରାର ପ୍ରୟାସକୁ ପ୍ରଶଂସା କରିଥିଲେ । ମୂଖ୍ୟ ଅତିଥି ଡ. ଜଗନ୍ନାଥ ପ୍ରସାଦ ଦାସ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଦିବାସୀମାନଙ୍କର ଜଙ୍ଗଲ ସହିତ ଥିବା ଆତ୍ମିକ ସଂପର୍କକୁ ଉପସ୍ଥାପିତ କରିଥିବାବେଳେ ସେମାନଙ୍କୁ ଜଙ୍ଗଲ ସୁରକ୍ଷାର ପ୍ରକୃତ ଭାର ଅର୍ପଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଅନ୍ୟପକ୍ଷରେ ନୀତି ବିହିନ ଅବକ୍ଷୟମୁଖି ବିକାଶ ଯୋଜନା ପରିବେଶ ବିନାଶର ମୁଳ କାରଣ ବୋଲି କହିଥିଲେ ।

ଏହି ଅବସରରେ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ କରଡାକଟା ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀକୁ ଅଶୋକ ବାବୁ ପରିବେଶ ମିତ୍ର ପୁରଷ୍କାର ପ୍ରଦାନ କରାଯାଇଥିଲା ।ଏଥିରେ ଦଶ ହଜାର ଟଙ୍କା ଅର୍ଥ ପୁରଷ୍କାର ସହ ମାନପତ୍ର ପ୍ରଦାନ କରାଯାଇଥାଏ । ସେହିପରି ପରିବେଶ ସୁରକ୍ଷା, ସଂରକ୍ଷଣ ଓ ପରିଚାଳନାରେ ଉତ୍ସର୍ଗିକୃତ ମନୋଭାବ ହେତୁ ଶ୍ରୀ ଶ୍ରମିକ ଯୋଗିଙ୍କୁ ଅଶୋକ ବାବୁ ସ୍ମୃତି ଆଜୀବନ ପରିବେଶ ସାଧକ ପୁରଷ୍କାର ପ୍ରଦାନ କରାଯାଇଥିଲା । ଏଥିରେ ମଧ୍ୟ ଦଶ ହଜାର ଟଙ୍କା ଅର୍ଥ ପୁରଷ୍କାର ସହ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥାଏ । ସଭାକୁ ଘାସିରାମ ପଣ୍ଡା ପରିଚାଳନା କରିଥିଲେ ।

ପ୍ରଶାନ୍ତ ମହାନ୍ତି
କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ
ବସୁନ୍ଧରା
ଫୋନ: ୯୪୩୮୨୯୪୪୧୭